# Telephone conversation between Prime Minister and Prime Minister of Mauritius

May 23, 2020

---

# ପ୍ରଧାନମନ୍ତ୍ରୀ ଏବଂ ମରିସସର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଟେଲିଫୋନ୍ ରେ କଥାବାର୍ତ୍ତା

ମଇ 23, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ମରିସସର ପ୍ରଧାନମନ୍ତ୍ରୀ ମାନ୍ୟବର ପ୍ରବୀଣ ଯୁଗନାଥଙ୍କ ସହିତ ଟେଲିଫୋନ୍ ରେ କଥାବାର୍ତ୍ତା କରିଛନ୍ତି।

ଚକ୍ରବାତ ଆମ୍ଫାନ୍ ଦ୍ୱାରା ଭାରତରେ ହୋଇଥିବା କ୍ଷତି ପାଇଁ ପ୍ରଧାନମନ୍ତ୍ରୀ ଯୁଗନାଥ ନିଜର ସମବେଦନା ଜଣାଇଛନ୍ତି। ସେ ମରିସସକୁ ଭାରତୀୟ ନୌସେନାର ଜାହାଜ 'କେଶରୀକୁ 'ଅପରେସନ୍ ସାଗର' ର ଏକ ଅଂଶ ରୂପରେ ଔଷଧ ସାମଗ୍ରୀ ଏବଂ 14 ଜଣ ସଦସ୍ୟ ଥିବା ମେଡ଼ିକାଲ ଟିମଙ୍କ ସହିତ ମରିସସ୍ ର ସ୍ୱାସ୍ଥ୍ୟ ଅଧିକାରୀଙ୍କୁ Covid-19 ମହାମାରୀ ସହିତ ଲଢ଼ିବାରେ ସହାୟତା କରିବା ପାଇଁ, ପଠାଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ପ୍ରଧାନମନ୍ତ୍ରୀ ଭାରତ ଏବଂ ମରିସସ୍ ମଧ୍ୟରେ ଥିବା ବିଶେଷ ଲୋକ-ସମ୍ପର୍କକୁ ମନେ ପକାଇ କହିଛନ୍ତି ଯେ ଏହି ସଙ୍କଟ ସମୟରେ ଭାରତ ନିଜର ବନ୍ଧୁମାନଙ୍କୁ ସମର୍ଥନ କରିବା ପାଇଁ କର୍ତ୍ତବ୍ୟବଦ୍ଧ ଅଟେ।

ପ୍ରଧାନମନ୍ତ୍ରୀ ପ୍ରଧାନମନ୍ତ୍ରୀ ଜୁଗନାଥଙ୍କ ନେତୃତ୍ୱରେ ପ୍ରଭାବୀ COVID-19 ର ପ୍ରତିକ୍ରିୟା ରୂପରେ ମରିସସ୍ ଦ୍ୱାରା ସ୍ଥାପିତ ପଦକ୍ଷେପ ପାଇଁ ନିଜର କୃତଜ୍ଞତା ଜଣାଇଛନ୍ତି, ଯାହାର ପରିଣାମସ୍ୱରୂପ ଅନେକ ସପ୍ତାହ ଧରି କୌଣସି ନୂତନ ମାମଲା ବିଷୟରେ ରିପୋର୍ଟ ହୋଇନଥିଲା। ସେ ପରାମର୍ଶ ଦେଇଛନ୍ତି ଯେ ମରିସସ୍ ନିଜର ସର୍ବୋତ୍ତମ ଅଭ୍ୟାସକୁ ଦସ୍ତାବିଜକରଣ କରିପାରିବ, ଯାହାକି ଅନ୍ୟ ଦେଶ, ବିଶେଷକରି ଦ୍ୱୀପପୁଞ୍ଜ ଦେଶଗୁଡ଼ିକ ପାଇଁ ମଧ୍ୟ ସମାନ ସ୍ୱାସ୍ଥ୍ୟ ସଙ୍କଟର ମୁକାବିଲା କରିବାରେ ସହାୟକ ହେବ।

ମରିସସ୍ ର ଆର୍ଥିକ କ୍ଷେତ୍ରକୁ ସମର୍ଥନ କରିବା ଏବଂ ମରିସ ଯୁବକମାନଙ୍କୁ ଆୟୁର୍ବେଦିକ ଔଷଧ ଅଧ୍ୟୟନ କରିବାକୁ ସକ୍ଷମ କରିବା ସହିତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବା ଉପରେ ଦୁଇ ନେତା ଆଲୋଚନା କରିଥିଲେ।

ମରିସସ୍ ର ଲୋକଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଏବଂ ଦୁଇ ଦେଶ ମଧ୍ୟରେ ବିଶେଷ ମଧୁର ସମ୍ପର୍କର ନିରନ୍ତରତା ପାଇଁ ପ୍ରଧାନମନ୍ତ୍ରୀ ନିଜର ଶୁଭେଚ୍ଛା ଜଣାଇଛନ୍ତି।

**ନୂଆ ଦିଲ୍ଲୀ**
**ମଇ 23, 2020**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.